# NATIONAL NEWS BULLETIN (ODIA)

**17 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନାସିକ୍ ଉତ୍ପାଦନ ଲାଇନ୍‌ରୁ ପ୍ରଥମ ତେଜସ୍ ଲଢୁଆ ବିମାନର ପ୍ରଦର୍ଶନ ଆରମ୍ଭ କଲେ ପ୍ରତିରକ୍ଷାମନ୍ତ୍ରୀ
- ବିହାର ବିଧାନସଭା ନିର୍ବାଚନ ପାଇଁ ଆଜିଠାରୁ ପ୍ରଚାରକାର୍ଯ୍ୟ ଆରମ୍ଭ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ଓ ବିହାର ମୁଖ୍ୟମନ୍ତ୍ରୀ
- ଗୁଜରାଟରେ ଶପଥ ଗ୍ରହଣ କଲା ନୂଆ କ୍ୟାବିନେଟ୍

- ହର୍ଷ ସାଙ୍ଘଭୀ ହେଲେ ନୂଆ ଉପମୁଖ୍ୟମନ୍ତ୍ରୀ

- ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରି ଛତିଶଗଡ଼ରେ ଆତ୍ମସମର୍ପଣ କଲେ ୨୦୮ ଜଣ ମାଓବାଦୀ

ଏବଂ

- ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ମୁହାଁମୁହିଁ ହେବେ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା

## ରାଜନାଥ-ଫାଇଟର ଜେଟ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍‌ର ନୂଆ ନାସିକ୍ ଉତ୍ପାଦନ ଲାଇନ୍‌ରୁ ପ୍ରଥମ ତେଜସ୍ LCA-MK 1-A ଲଢୁଆ ବିମାନର ପ୍ରଥମ ପ୍ରଦର୍ଶନ କରିଛନ୍ତି । ଅନ୍ୟପକ୍ଷରେ

HTT40 ତାଲିମଦାତା ବିମାନ ପାଇଁ ଦ୍ୱିତୀୟ ଉତ୍ପାଦନ ଲାଇନ୍‌ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ସିଂ ନାସିକ୍ ଡିଭିଜନରେ ପ୍ରସ୍ତୁତ ସୁଖୋଇ ୩୦, ଏଲ୍‌ସିଏ ଏବଂ HTT40 ବିମାନର ଉଡ଼ାଣକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ସେହି ଜେଟ୍ ଗୁଡ଼ିକ ଭାରତର ଉଡ଼ାଣ ପ୍ରତିରକ୍ଷା କ୍ଷେତ୍ରରେ ଦେଶର ସ୍ୱାତନ୍ତ୍ର୍ୟତା ବଜାୟ ରଖିଥିଲା । ଶ୍ରୀ ସିଂ କହିଛନ୍ତି :

**V/O ( Rajnath)**

ସୂଚନାଯୋଗ୍ୟ, ନାସିକର ତୃତୀୟ ଲାଇନ୍ ଉତ୍ପାଦନର ବ୍ୟବସ୍ଥା ନିମନ୍ତେ ଦେଢ଼ଶହ କୋଟିରୁ ଅଧିକ ଟଙ୍କା ବିନିଯୋଗ କରାଯାଇଛି, ଯେଉଁଥିରେ ବାର୍ଷିକ ଅଧିକ ୮ଟି ଜେଟ୍ ନିର୍ମାଣ ହୋଇପାରିବ । ପୂର୍ବରୁ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ ପକ୍ଷରୁ ବାର୍ଷିକ ୨୪ଟି ଜେଟ୍ ନିର୍ମାଣ କରାଯାଉଥିଲା ।

## ବିହାର- ଶାହା ମିଟିଂ

ବିହାରରେ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ନିମନ୍ତେ ପ୍ରସ୍ତୁତି ସ୍ୱରୂପ ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା' ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସହ ଆଲୋଚନା କରିଛନ୍ତି । ଗତକାଲି ଶ୍ରୀ ଶାହା ବିହାର ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା ଏବଂ ନିର୍ବାଚନ କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ । ଏକ କାର୍ଯ୍ୟକ୍ରମରେ ଶ୍ରୀ ଶାହା କହିଥିଲେ, ବିଧାନସଭା ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ । ଆଜିର ଆଲୋଚନା ପରେ ଗଣମାଧ୍ୟମକୁ

ସୂଚନା ଦେଇ ଜନତାଦଳ ୟୁନାଇଟେଡ୍ ସାଂସଦ ସଂଜୟ ଝା କହିଛନ୍ତି, ଉଭୟ ନେତା ଆଜିଠାରୁ ପ୍ରଚାର କାର୍ଯ୍ୟ ଆରମ୍ଭ କରୁଛନ୍ତି :

**V/O (Sanjy Jha)**

ଅନ୍ୟପକ୍ଷରେ କଂଗ୍ରେସ ନେତା ସୁରେନ୍ଦ୍ର ରାଜପୁତ କହିଛନ୍ତି, ମହାଗଠବନ୍ଧନରେ ଆସନ ବଣ୍ଟନ ଚୂଡ଼ାନ୍ତ ହୋଇସାରିଛି ଏବଂ ଖୁବ୍‌ଶୀଘ୍ର ଏ ସଂପର୍କରେ ଘୋଷଣା କରାଯିବ ।

**V/O (Surendra Rajput)**

---

# ବିହାର-ନୋମିନେସନ

ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଆଜି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ରହିଛି । ମୋଟ୍ ୨୪୩ଟି ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଆସନ୍ତା ନଭେମ୍ବର ୬ ତାରିଖରେ ୧୨୧ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଏଥିରେ ପାଟନା, ଦରଭଙ୍ଗା, ମୁଜାଫରପୁର, ଗୋପାଳଗଞ୍ଜ ଏବଂ ଭୋଜପୁର ଆଦି ଜିଲ୍ଲା ରହିଛି । ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ଚଳିତ ମାସ ୨୦ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି । ବିହାର ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ନଭେମ୍ବର ୧୧ରେ ଅନୁଷ୍ଠିତ ହେବ ଏବଂ ନଭେମ୍ବର ୧୪ରେ ଦୁଇଟି ଯାକ ପର୍ଯ୍ୟାୟର ଭୋଟ୍ ଗଣତି କରାଯିବ ।

---

# ଗୁଜରାଟ କ୍ୟାବିନେଟ୍

ହର୍ଷ ସାଙ୍ଘଭୀ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଏହି ଅବସରରେ ନୂଆ ମନ୍ତ୍ରୀମାନଙ୍କୁ ମଧ୍ୟ ଶପଥପାଠ କରାଯାଇଛି । କାର୍ଯ୍ୟକ୍ରମରେ ବିଜେପି

ଅଧ୍ୟକ୍ଷ ଜେପି ନଡ୍ଡା ଓ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଉପସ୍ଥିତ ଥିଲେ । ଗାନ୍ଧିନଗରସ୍ଥିତ ମହାତ୍ମା ମନ୍ଦିରରେ ରାଜ୍ୟପାଳ’ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଶପଥପାଠ କରାଇଥିଲେ ।

ଗତକାଲି ଗୁଜରାଟ କ୍ୟାବିନେଟ୍‌ର ସମସ୍ତ ୧୬ ଜଣ ମନ୍ତ୍ରୀ ସେମାନଙ୍କ ପଦରୁ ଇସ୍ତଫା ଦେଇଥିଲେ । ଦଳର ଜଣେ ବରିଷ୍ଠ ନେତା କହିଥିଲେ, ମନ୍ତ୍ରୀମାନଙ୍କୁ ଇସ୍ତଫା ଦେବା ଲାଗି କୁହାଯାଇଥିଲା । ଫଳରେ ଦଳର ମୁଖ୍ୟ ଆଗାମୀ ସ୍ଥାନୀୟ ସଂସ୍ଥା ନିର୍ବାଚନ ପୂର୍ବରୁ ମୁକ୍ତ ଭାବେ ମନ୍ତ୍ରିମଣ୍ଡଳ ଗଠନ କରିପାରିବେ । ବିଦାୟୀ ମନ୍ତ୍ରିମଣ୍ଡଳରେ ୮ ଜଣ କ୍ୟାବିନେଟ୍ ମନ୍ତ୍ରୀ, ୬ ଜଣ ରାଷ୍ଟ୍ର ମନ୍ତ୍ରୀ ଏବଂ ୨ ଜଣ ସ୍ୱାଧୀନ ଦାୟିତ୍ୱ ରାଷ୍ଟ୍ର ମନ୍ତ୍ରୀ ଥିଲେ ।

---

## ସାବରୀମାଳା ଓପନିଂ

କେରଳର ସାବରିମାଳା ମନ୍ଦିର ଆଜି ସନ୍ଧ୍ୟାରେ ପୂଜା ପାଇଁ ଖୋଲିବ । ଚଳିତମାସ ୨୨ ତାରିଖ ପର୍ଯ୍ୟନ୍ତ ଏହା ଖୋଲା ରହିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୨ ତାରିଖରେ ସାବରୀମାଳା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଥିବାରୁ ଏଥିପାଇଁ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଜୋର ଦାର ଚାଲିଛି ।

---

## ନକ୍ସଲାଇଟ୍

ଛତିଶଗଡ଼ରେ ଆଜି ୨୦୮ ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ଆତ୍ମସମର୍ପଣ କରିଛନ୍ତି । ସଂପୃକ୍ତ ମାଓବାଦୀମାନେ ବସ୍ତର ଅଞ୍ଚଳରେ ଦୀର୍ଘବର୍ଷ ହେବ ବିଭିନ୍ନ କାର୍ଯ୍ୟକଳାପରେ ସଂପୃକ୍ତ ରହିଥିଲେ । ସୂଚନା ଅନୁଯାୟୀ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୧୧୦ ଜଣ ମହିଳା ଓ ୯୮ ଜଣ ପୁରୁଷ ଅଛନ୍ତି । ସେମାନେ ବେଆଇନ ଘୋଷିତ ସିପିଆଇ ମାଓବାଦୀ ସଂଗଠନ

ପାଇଁ କାର୍ଯ୍ୟ କରୁଥିଲେ । ଆତ୍ମସମର୍ପଣ ସମୟରେ ସେମାନଙ୍କଠାରୁ ୧୫୩ଟି ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି, ଯେଉଁଥିରେ ୧୯ଟି ଏକେ-୪୭ ଏବଂ ୧୭ଟି ଏସ୍‌ଏଲ୍‌ଆର୍ ରାଇଫଲ୍ ରହିଛି ।

## ସିନ୍ଧିଆ-ଟେଲିକମ୍

କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ଟେଲିକମ୍ ସେବା ଏବଂ ଉତ୍ପାଦନ କ୍ଷେତ୍ରରେ ବିଶ୍ୱରେ ଭାରତ ନେତୃତ୍ୱ ନେବା ଆରମ୍ଭ କରିଛି । ଆଜି ନୂଆଦିଲ୍ଲୀରେ ଟେଲି ଯୋଗାଯୋଗ ବିଭାଗର ସଫଳତା ସଂପର୍କରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିନ୍ଧିଆ କହିଛନ୍ତି, ଭାରତ ଏବେ ୪-ଜି କ୍ଷେତ୍ରରେ ବିଶ୍ୱର ପଞ୍ଚମ ଦେଶ ହୋଇପାରିଛି । ସେ କହିଛନ୍ତି, ଏକ ଦଶମିକ ଦୁଇ ବିଲିୟନ୍ ମୋବାଇଲ୍ ଉପଭୋକ୍ତା, ୯୭୦ ବିଲିୟନ୍ ଇଣ୍ଟରନେଟ୍ ବ୍ୟବହାରକାରୀ ଏବଂ ୯୪୪ ମିଲିୟନ୍ ବ୍ରଡ୍‌ବ୍ୟାଣ୍ଡ୍ ଉପଭୋକ୍ତାଙ୍କ ସହ ଭାରତ ବିଶ୍ୱର ତୃତୀୟ ଡିଜିଟାଲ୍ ରାଷ୍ଟ୍ରରେ ପରିଣତ ହୋଇପାରିଛି ।

## ଏଗ୍ରି-କେଭିକେ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଦେଶରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକୁ ଅଧିକ କ୍ରୀୟାଶୀଳ ଏବଂ ସଶକ୍ତ କରିବା ଉଦ୍ଦେଶ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ବୈଠକରେ ଶ୍ରୀ ଚୌହାନ କହିଛନ୍ତି, ଦେଶରେ ଏବେ ୭୩୧ଟି କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରୁଛି । ସେହି କେନ୍ଦ୍ର ଗୁଡ଼ିକ ନାମମାତ୍ର କୃଷକମାନଙ୍କ କଲ୍ୟାଣ ନିମନ୍ତେ ନିଜର କାର୍ଯ୍ୟ ସମ୍ପ୍ରସାରଣ କରୁଛନ୍ତି । ଶ୍ରୀ ଚୌହାନ କହିଛନ୍ତି, କୃଷକମାନଙ୍କ ପାଖରେ ଶୀଘ୍ର ପହଞ୍ଚିବା କ୍ଷେତ୍ରରେ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରିବା ସହ ଆଧୁନିକ ଜ୍ଞାନକୌଶଳ ଓ ପ୍ରଶିକ୍ଷଣ ପ୍ରଦାନ ଏବଂ କୃଷି ନବସୃଜନ

ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । କୃଷି ଏବଂ ପ୍ରାକୃତିକ ଚାଷ କାର୍ଯ୍ୟକୁ ବିକଶିତ କରିବା ଦିଗରେ କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକ ଆଦର୍ଶ ପଦକ୍ଷେପ ନେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଶ୍ରୀ ଚୌହାନ କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକୁ ଆବଶ୍ୟକ ଆର୍ଥିକ, ମାନବସମ୍ବଳ ଏବଂ ପ୍ରଯୁକ୍ତି ବିଦ୍ୟା ସହାୟତା ଯୋଗାଇଦେବାକୁ ଭାରତୀୟ କୃଷି ଗବେଷଣା ପରିଷଦକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଜି ୨୦ କ୍ଲାଇମେଟ୍

କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ କହିଛନ୍ତି, ‘ଜି-୨୦’ ଉଦ୍ଦେଶ୍ୟ ଏବଂ କାର୍ଯ୍ୟାନ୍ୱୟନ ମଧ୍ୟରେ ଏକ ସଂଯୋଗୀ ସେତୁ ଭାବେ କାର୍ଯ୍ୟ କରିବା ଉଚିତ୍ । ଯେଉଁଥିରେ ପ୍ରତ୍ୟେକ ଦେଶର ଅବଦାନକୁ ଗୁରୁତ୍ୱ ଦିଆଯିବା ସହ ସାମର୍ଥ୍ୟ ବୃଦ୍ଧି ଲାଗି ପଦକ୍ଷେପ ନିଆଯିବ । ଗତକାଲି ଦକ୍ଷିଣ ଆଫ୍ରିକାରେ ‘ଜି-୨୦’ ସମାବେଶୀ ଜଳବାୟୁ ଓ ପରିବେଶ ମନ୍ତ୍ରୀ ସ୍ତରୀୟ କାର୍ଯ୍ୟ ଗୋଷ୍ଠୀର ବୈଠକର ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି, ଭାରତ ଜୈବବିବିଧତା ଏବଂ ସଂରକ୍ଷଣ କ୍ଷେତ୍ରରେ ପ୍ରସ୍ତାବିତ ଇକୋ ସିଷ୍ଟମ୍ ଆଧାରିତ ପଦ୍ଧତି ଗ୍ରହଣ କରିବା ସହ ଏହାର କାର୍ଯ୍ୟନ୍ୱୟନକୁ ସମର୍ଥନ କରେ ।

ଶ୍ରୀ ଯାଦବ କହିଥିଲେ, ଭାରତ ଜଳବାୟୁ ଏବଂ ବିକାଶ ଉଭୟକୁ ସମନ୍ୱିତ କରିବାକୁ ନିଆଯାଉଥିବା ପଦକ୍ଷେପକୁ ସମର୍ଥନ କରି ଆସୁଛି । ସେ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସଂରକ୍ଷଣ କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କ ସାମାଜିକ ଆଭିମୁଖ୍ୟ ଏବଂ ଜୀବନଶୈଳୀ ପ୍ରାସଙ୍ଗୀକ ହୋଇ ରହିଛି । ଆଗାମୀ ଦିନରେ ଏହାକୁ ଭବିଷ୍ୟତର ପରିବେଶ ସହ ସମାନ କରିବା ଲକ୍ଷ୍ୟ ନେଇ କାର୍ଯ୍ୟ କରିବା ଉପରେ ମନ୍ତ୍ରୀ ଶ୍ରୀ ଯାଦବ ଗୁରୁତ୍ୱାରୋପ କରିଛନ୍ତି ।

# ଓ୍ୱିମେନ୍ସ କ୍ରିକେଟ୍ ଓ୍ୱାର୍ଲଡ କପ୍

ଆଇ.ସି.ସି. ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ଆଜି କଲମ୍ବୋସ୍ଥିତ ଆର୍. ପ୍ରେମଦାସା ଷ୍ଟାଡିୟମ୍‌ରେ ଦକ୍ଷିଣ ଆଫ୍ରିକା ଏବଂ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ଅପରାହ୍ଣ ୩ଟାରେ ମ୍ୟାଚ୍ ଆରମ୍ଭ ହେବ।

ଗତକାଲି ବିଶାଖାପଟନମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୦ ଓ୍ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲ୍‌ରେ ପ୍ରବେଶ କରିଛି । ତାଲିକାରେ ସର୍ବାଧବକ ୯ ପଏଣ୍ଟ ସହ ଅଷ୍ଟ୍ରେଲିଆ ଶୀର୍ଷରେ ରହିଥିବା ବେଳେ ବାଂଲାଦେଶ ୨ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି । ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରେ ୯ ଓ୍ୱିକେଟ୍ ହରାଇ ୧୯୮ରନ୍ କରିଥିବା ବେଳେ ଅଷ୍ଟ୍ରେଲିଆ ୨୪ ଓଭର ୫ଟି ବଲ୍‌ରେ ୨୦୨ରନ୍ ସ୍କୋର କରିଥିଲା ।

# ବ୍ୟାଡମିଣ୍ଟନ

ଡେନ୍‌ମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ ପୁରୁଷ ଏକକ ମ୍ୟାଚ୍‌ରେ କ୍ୱାର୍ଟର ଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି । ସେ ଗତକାଲି ଆଣ୍ଡର୍ସ୍ ଆଣ୍ଟନ୍‌ସେନ୍‌ଙ୍କୁ ପରାସ୍ତ କରିଥିଲେ ।

ସେହିପରି ପୁରୁଷ ଡବଲ୍ସ୍‌ରେ ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀ ଚାଇନିଜ୍ ତାଇପେଇ ଯୋଡ଼ିଙ୍କୁ ପରାସ୍ତ କରି କ୍ୱାର୍ଟର

ଫାଇନାଲ୍‌ରେ ପହଞ୍ଚିଛନ୍ତି । ଆଜି ଅପରାହ୍ଣ ୪ଟା ୩୦ ମିନିଟ୍‌ରେ ଭାରତୀୟ ଯୋଡ଼ି ଇଣ୍ଡୋନେସିଆ ଯୋଡ଼ିଙ୍କ ସହ ମୁକାବିଲା କରିବେ ।

## ଖେଲୋ ଇଣ୍ଡିଆ

ଆସନ୍ତା ମାସ ୨୪ ତାରିଖରୁ ରାଜସ୍ଥାନର ୭ଟି ସହରରେ ପଞ୍ଚମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆରମ୍ଭ ହେବ । ସେହି ସହରଗୁଡ଼ିକ ହେଉଛି– ଜୟପୁର, ଆଜମେର୍, ଉଦୟପୁର, ଯୋଧପୁର, ବିକାନେର୍, କୋଟା ଏବଂ ଭରତପୁର । ୧୨ ଦିନ ଧରି ଚାଲିବାକୁ ଥିବା ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୨୩ଟି ପଦକ ପ୍ରଦାନ କରାଯିବ । ଦେଶର ୫ ହଜାରରୁ ଅଧିକ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ ଏଥିରେ ଅଂଶଗ୍ରହଣ କରିବେ ।